## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**କାମାକ୍ଷାନଗର, (ଡି.ଏନ.ଏ.):** କାମାକ୍ଷାନଗର ଥାନା ଜଗନ୍ନାଥପୁର ଗ୍ରାମର ବୃଦ୍ଧ ମୁରଲୀଧର ମଲ୍ଲିକ (୮୦)ଙ୍କ ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଗାଧୋଇବାକୁ ଯାଇଥିବାବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଆଜି କ'ଣ କେଉଁଠି

ଢେଙ୍କାନାଳ

- ପ୍ରଥମ ବାର୍ଷିକ ଶ୍ରୀଚୈତନ୍ୟ ମହୋତ୍ସବ। ସ୍ଥାନ: କାଶିଆଡ଼ିହା। ସମୟ: ପୂର୍ବାହ୍ନ ୮ଟା।

## ଗ୍ରାମରୁ ଟ୍ରାନ୍ସଫର୍ମର ଚୋରି

**ବଇଣ୍ଡା,୧୫।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ଏକ ସାହିରେ ଲାଗିଥିବା ୧୦ କେଭି ଟ୍ରାନ୍ସଫର୍ମର ଚୋରି ହୋଇଯାଇଛି। ଏ ନେଇ ଟିପିସିଓଡିଏଲ କନିଷ୍ଠ ଯନ୍ତ୍ରୀ ପଙ୍କଜ ଖିଲାର ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୪୫/୨୧ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କେତେଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ଟ୍ରାନ୍ସଫର୍ମର ଚୋରି କରିନେଇଥିବା ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ସୂଚନା ଦେବା ପରେ କନିଷ୍ଠଯନ୍ତ୍ରୀ ଅଭିଯୋଗ କରିଛନ୍ତି।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ, ୧୫।୨:** ଅନୁଗୋଳ ରାଜା ଛକ ଠାରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ଓ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନ ଓ କୃଷକ ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ବସନ୍ତ ପଟ୍ଟନାୟକ, ରଞ୍ଜନ ନନ୍ଦ, ଉତ୍ପଳ ଶର୍ମା, ଅଭିଷେକ ଦଳବେହେରା, ନନ୍ଦୁ ଦଳବେହେରା, ବିଶ୍ୱନାଥ ସାହୁ, ଦୁଃଖବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ସଂକ୍ରମିତ, ୧୧ ସୁସ୍ଥ

**ଅନୁଗୋଳ ଅଫିସ, ୧୫।୨:** ଅନୁଗୋଳ ଜିଲାରୁ ସୋମବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୨ ହଜାର ୩୨୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ଅନୁଗୋଳରୁ ୨ ଓ ଛେଣ୍ଡିପଦାରୁ ଜଣେ ରହିଛନ୍ତି। ସେହିପରି ଦିନକରେ ୧୧ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରେଣୀଗୃହରୁ ଶିକ୍ଷକଙ୍କୁ ଅପହରଣ ଘଟଣା
## ଜମି କିଣିବାକୁ ଟଙ୍କା ଦେଇଥିଲି: ସୁଶୀଲ

**ଅନୁଗୋଳ ଅଫିସ, ୧୫।୨:** ଉଧାର ନେଇଥିବା ଟଙ୍କାଠାରୁ ଅଧିକ ସୁଧ ଦେଇସାରିଥିଲେ ମଧ ମୂଳ ଅର୍ଥ ତୁରନ୍ତ ଦେବାକୁ କହି ଗତ ୧୨ ତାରିଖରେ ଶ୍ରେଣୀଗୃହରୁ ଜଣେ ଶିକ୍ଷକଙ୍କୁ ଅପହରଣ କରାଯାଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଗିରଫ ପରେ ଜାମିନରେ ଆସିଥିବା ମୁଖ୍ୟ ଅଭିଯୁକ୍ତ ସୁଶୀଲ ଅଗ୍ରୱାଲ ସୋମବାର ଏକ ଖବରଦାତା ସମ୍ମିଳନୀ କରି ଅନୁଗୋଳ ସଦର ଥାନାରେ ସମ୍ପୃକ୍ତ ଶିକ୍ଷକ କରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସୁଶୀଲ କହିଛନ୍ତି, ସୁଧ କାରବାର ନୁହେଁ, ସମ୍ପୃକ୍ତ ଶିକ୍ଷକ ଜମି ବିକ୍ରି କରିବେ ବୋଲି କହି ଗତ ୨୦୨୦ ଜାନୁୟାରୀରେ ୧୧ ଲକ୍ଷ ୭୦ ହଜାର ଟଙ୍କା ନେଇଥିଲେ। କିନ୍ତୁ ଜମି ବିକ୍ରି ନ କରିବାରୁ ଟଙ୍କା ଫେରସ୍ତ କରିବେ କହି ଚେକ୍ ଦେଇଥିଲେ। କିନ୍ତୁ ପ୍ରଥମ ଚେକ୍ ବାଉନ୍ସ ହୋଇଥିଲା। ଟଙ୍କା ନ ଦେବା ପାଇଁ ଶିକ୍ଷକ ଜଣକ ଥାନାରେ ଏପରି ମିଥ୍ୟା ଅଭିଯୋଗ କରିଥିବା ସୁଶୀଲ ପ୍ରକାଶ କରିଛନ୍ତି। ଅପହରଣରେ ସମ୍ପୃକ୍ତ ଥିବା ଲାଲମୋହନ ଦାସ ଓ ମନୋଜ ବାବୁଙ୍କ ସହ କୌଣସି ସମ୍ପର୍କ ନ ଥିବା ସୁଶୀଲ ସଫେଇ ଦେଇଛନ୍ତି। ଘଟଣା ସମ୍ପର୍କରେ ଅନୁଗୋଳ ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଅନୁଗୋଳ ଅଫିସ, ୧୫।୨:** ଅଯୋଧା ଠାରେ ନିର୍ମାଣ ହେବାକୁ ଯାଉଥିବା ରାମ ମନ୍ଦିର ପାଇଁ ନିଧି ସଂଗ୍ରହ ଅଭିଯାନରେ ସାମିଲ ହୋଇଥିବା ଦିଲ୍ଲୀ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ରିଙ୍କୁ ଶର୍ମାଙ୍କୁ ହତ୍ୟା କରାଯାଇଛି। ତେଣୁ ରିଙ୍କୁ ଶର୍ମାଙ୍କୁ ନ୍ୟାୟ ଦେବା ସହ ହତ୍ୟାକାରୀଙ୍କୁ ଫାଶୀ ଦେବା ପାଇଁ ଅନୁଗୋଳ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଅସିତ୍ କୁମାର ସାହୁଙ୍କ ନେତୃତ୍ୱରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ଗିରିଜା ଶଙ୍କର ନନ୍ଦଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଭୟ ରାୟ, ସିଦ୍ଧାର୍ଥ ମାଝି, ଅଭିଷେକ ବିଶ୍ୱାଳ, ଲକ୍ଷ୍ମୀଧର ଦାସ, ଆଶିଷ ପ୍ରଧାନ, ବିକାଶ କୁମାର ସାହୁ ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପୈଠକରୁ ପଞ୍ଚାୟତ

**ପରିକ୍ଷିତ ସାହୁ**
**ବଇଣ୍ଡା,୧୫।୨**



ପାଇକସାହି ପଞ୍ଚାୟତରେ ଥିବା ଜଳପ୍ରକଳ୍ପ।

- ଜଳଯୋଗାଣ ପ୍ରକଳ୍ପ ଉପରେ ବାକି ପଡ଼ିଛି ବିଦ୍ୟୁତ୍ ବିଲ୍
- ୨୯ ପଞ୍ଚାୟତ ଭରିବ ୪୧ ଲକ୍ଷ ୨୬ ହଜାର ଟଙ୍କା
- ଗୋଟିଏ ପ୍ରକଳ୍ପରୁ ସଂଯୋଗ ବିଚ୍ଛିନ୍ନ, ଗ୍ରୀଷ୍ମକୁ ନେଇ ଚିନ୍ତା

ପଞ୍ଚାୟତକୁ ପାଇପ୍ ପାଣି ଯୋଗାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଗାଁଗୁଡ଼ିକରେ ଜଳଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଉଛି। ହେଲେ କେଉଁଠି ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ ତ ଆଉ କେଉଁଠି ଆବଶ୍ୟକ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ପକ୍ଷରୁ ଭରଣା କରାଯାଉ ନାହିଁ। ଫଳରେ ପ୍ରକଳ୍ପ ଅଚଳ ହେଲେ କିମ୍ବା ବିଦ୍ୟୁତ୍ ବିଚ୍ଛିନ୍ନ କରାଗଲେ ଅସୁବିଧା ଭୋଗୁଛନ୍ତି ଲୋକେ। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ମୋଟ ୪୭ଟି ପଞ୍ଚାୟତ ମଧ୍ୟରୁ ୨୯ଟି ପଞ୍ଚାୟତ ଉପରେ ୪୧ ଲକ୍ଷ ୨୬ ହଜାର ୭୦ ଟଙ୍କା ବିଦ୍ୟୁତ୍ ବିଲ୍ ବାକି ପଡ଼ିଥିବା ବେଳେ ଗୋଟିଏ ପ୍ରକଳ୍ପରୁ ବିତରଣକାରୀ ସଂସ୍ଥା ବିଦ୍ୟୁତ୍ ସଂଯୋଗ କାଟିଦେଇଛି। ଆଗକୁ ଗ୍ରୀଷ୍ମ ଆସୁଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତର ୩ଟି ଜଳଯୋଗାଣ ପ୍ରକଳ୍ପ ଉପରେ ୧ ଲକ୍ଷ ୩ ହଜାର ୮୬୬ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଅଙ୍ଗପଡ଼ା ପଞ୍ଚାୟତ ୨ ପ୍ରକଳ୍ପର ୧ ଲକ୍ଷ ୧୩ ହଜାର ୯୫୭ ଟଙ୍କା ବାକି ରହିଥିବାବେଳେ ବାମୁର ପଞ୍ଚାୟତର ୩ଟି ପ୍ରକଳ୍ପର ୬୫ ହଜାର ୨୭୬ ଟଙ୍କା, ଧଡ଼ରପାଳ ପଞ୍ଚାୟତର ଗୋଟିଏ ପ୍ରକଳ୍ପ ଉପରେ ୬୮ ହଜାର ୪୯୫ ଟଙ୍କା, ଧଉରାପାଲି ପଞ୍ଚାୟତର ୨ଟି ପ୍ରକଳ୍ପର ୫୩ ହଜାର ୩୬୧ ଟଙ୍କା, ହିମିତିରା ପଞ୍ଚାୟତର ୩ଟି ପ୍ରକଳ୍ପର ୨ ଲକ୍ଷ ୭୨ ହଜାର ୨୦୮ ଟଙ୍କା, ଜଏରାଟ ପଞ୍ଚାୟତର ୫ ପ୍ରକଳ୍ପର ୨ ଲକ୍ଷ ୯ ହଜାର ୩୫୦ ଟଙ୍କା, ଝରାବେରେଣୀର ଗୋଟିଏ ପ୍ରକଳ୍ପ ଉପରେ ୧ ଲକ୍ଷ ୮୪ ହଜାର ୯୮୭ ଟଙ୍କା, କଦଳୀମୁଣ୍ଡା ପଞ୍ଚାୟତର ୨ଟି ପ୍ରକଳ୍ପର ୧ ଲକ୍ଷ ୨୨ ହଜାର ୩୧୦ ଟଙ୍କା, ନାକିଚି ପଞ୍ଚାୟତର ୩ଟି ପ୍ରକଳ୍ପର ୨ ଲକ୍ଷ ୪୫ ହଜାର ୪୬୩ ଟଙ୍କା, ଓକ୍ଷାପାଲି ପଞ୍ଚାୟତର ୮ ପ୍ରକଳ୍ପର ୨ ଲକ୍ଷ ୬୫ ହଜାର ୮୭୮ ଟଙ୍କା, ରଣିଆକଟା ପଞ୍ଚାୟତର ୩ ପ୍ରକଳ୍ପ ଉପରେ ୧ ଲକ୍ଷ ୫୨ ହଜାର ୯୯୯ ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ରହିଛି। ସେହିପରି ସଞ୍ଜାମୁରା ପଞ୍ଚାୟତର ୨ ପ୍ରକଳ୍ପର ୧ ଲକ୍ଷ ୩୮ ହଜାର ୬୫୯ ଟଙ୍କା, ଉରୁଜୁଲା ପଞ୍ଚାୟତର ୨ ପ୍ରକଳ୍ପର ୩୨ ହଜାର ୩୮୩ ଟଙ୍କା, ହଣ୍ଡପା ପଞ୍ଚାୟତର ୩ ପ୍ରକଳ୍ପର ୪ ଲକ୍ଷ ୧୮ ହଜାର ୮୧୮ ଟଙ୍କା, ଲୁହାମୁଣ୍ଡା ପଞ୍ଚାୟତର ୨ ପ୍ରକଳ୍ପର ୧ ଲକ୍ଷ ୧ ହଜାର ୯୦୮ ଟଙ୍କା, କଟରଙ୍ଗା ପଞ୍ଚାୟତର ଗୋଟିଏ ପ୍ରକଳ୍ପର ୫୧ ହଜାର ୨୧୧ ଟଙ୍କା, ଗାଁବଇଣ୍ଡା ପଞ୍ଚାୟତର ୪ ପ୍ରକଳ୍ପ ଉପରେ ୭ ଲକ୍ଷ ୯ ହଜାର ୬୭୦ ଟଙ୍କା, ଜାମୁନାଳୀ ପଞ୍ଚାୟତର ଗୋଟିଏ ପ୍ରକଳ୍ପ ଉପରେ ୫୨ ହଜାର ୨୩ ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ରହିଥିଲେ ମଧ ପୈଠ କରାଯାଉ ନାହିଁ। ସେହିପରି ଆଠମଲ୍ଲିକ ବ୍ଲକର ପାଇକସାହି ପଞ୍ଚାୟତ ୩ ପ୍ରକଳ୍ପ ଉପରେ ୬୬ ହଜାର ୯୪୩ ଟଙ୍କା, ପେଡ଼ିପଥର ପଞ୍ଚାୟତର ୪ ପ୍ରକଳ୍ପ ଉପରେ ୨୭ ହଜାର ୯୨୫ ଟଙ୍କା, କୃତ୍ତିବାସପୁର ପଞ୍ଚାୟତର ୨ ପ୍ରକଳ୍ପର ୬୨ ହଜାର ୮୭୧ ଟଙ୍କା, କୁରୁମଟାପ ପଞ୍ଚାୟତର ଗୋଟିଏ ପ୍ରକଳ୍ପର ୧୬୨୫ ଟଙ୍କା, କନ୍ତପଡ଼ା ପଞ୍ଚାୟତର ୨ ପ୍ରକଳ୍ପର ୪୯ ହଜାର ୧୫୦ ଟଙ୍କା, ଆମ୍ବସରମୁଣ୍ଡା ପଞ୍ଚାୟତର ୩ ପ୍ରକଳ୍ପର ୨ ଲକ୍ଷ ୫୭ ହଜାର ୭ଶହ ଟଙ୍କା, ସାନହୁଲା ପଞ୍ଚାୟତର ୨ ପ୍ରକଳ୍ପର ୮୨ ହଜାର ୬୭୬ ଟଙ୍କା, ଠାକୁରଗଡ଼ ପଞ୍ଚାୟତର ୨ ପ୍ରକଳ୍ପର ୫୩ ହଜାର ୨୨୦ ଟଙ୍କା, ସାପଘରା ପଞ୍ଚାୟତର ଗୋଟିଏ ପ୍ରକଳ୍ପର ୩୮ ହଜାର ୫୪୧ ଟଙ୍କା, ମଇମୁରା ପଞ୍ଚାୟତର ୨ ପ୍ରକଳ୍ପ ଉପରେ ୧୯ ହଜାର ୨୯୫ ଟଙ୍କା ବିଦ୍ୟୁତ୍ ବିଲ୍ ବାକି ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏ ନେଇ ପଞ୍ଚାୟତଗୁଡ଼ିକୁ ଚିଠି କରାଯାଉଥିଲେ ମଧ ବକେୟା ପୈଠ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଏହି କାରଣରୁ କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତର ଗୋଟିଏ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଫଳରେ ସେଠାକାର ଲୋକେ ପାଇପ୍ ପାଣିରୁ ବଞ୍ଚିତ ରହିଛନ୍ତି। ଏ ନେଇ କିଶୋରନଗର ବ୍ଲକ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ପ୍ରକଳ୍ପଗୁଡ଼ିକର ବିଲ୍ ପଞ୍ଚାୟତ ପକ୍ଷରୁ ଭରଣା କରାଯିବ। ଏଥିପାଇଁ ସମସ୍ତ ପଞ୍ଚାୟତ ଅଧିକାରୀଙ୍କୁ ଅବଗତ କରାଯିବ।

### ଜନସାଧାରଣ ଅସୁବିଧା ନ ଭୋଗନ୍ତୁ



"ଲୋକଙ୍କ ପାଇଁ ସରକାର ଯୋଜନା କରୁଥିଲେ ମଧ ଏହାକୁ ଠିକ୍ ଭାବେ ପରିଚାଳନା କରାଯାଉ ନାହିଁ। ଜଳ ପ୍ରକଳ୍ପଗୁଡ଼ିକର ବିଲ୍ ପଞ୍ଚାୟତ ପକ୍ଷରୁ ସବୁ ମାସରେ ପୈଠ କରାଗଲେ ଜନସାଧାରଣ ଅସୁବିଧାରେ ପଡ଼ନ୍ତେ ନାହିଁ। ସରପଞ୍ଚମାନେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

-ରଣଜିତ ପଟ୍ଟନାୟକ, ସାମାଜିକ କର୍ମୀ

### ପୈଠ ପାଇଁ ନିର୍ଦ୍ଦେଶ ଦିଆଯିବ



"ଯେଉଁ ପ୍ରକଳ୍ପଗୁଡ଼ିକର ବିଦ୍ୟୁତ୍ ବିଲ୍ ବାକି ରହିଛି, ତାହାକୁ ଶୀଘ୍ର ପଇଠ କରିବା ନିମନ୍ତେ ବିଡିଓ ଓ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ କିଭଳି ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ନ ହେବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ।

-ଲଳିତ ମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

### ସୋଲାର ବ୍ୟବସ୍ଥା ହେଉ



"ସରକାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରନ୍ତୁ। ଅଧିକାଂଶ ଅଞ୍ଚଳର ଲୋକେ ଏଯାଏ ପାଇପ୍ ପାଣିରୁ ବଞ୍ଚିତ ରହିଛନ୍ତି। ସମସ୍ତ ପ୍ରକଳ୍ପରେ ସୋଲାର ବ୍ୟବସ୍ଥା କରାଗଲେ ଏପରି ଅସୁବିଧା ସୃଷ୍ଟି ହୁଅନ୍ତା ନାହିଁ। ବିଦ୍ୟୁତ୍ ବାବଦ ଅର୍ଥ ଅନ୍ୟ କଲ୍ୟାଣକାରୀ କାର୍ଯ୍ୟରେ ଲାଗିପାରନ୍ତା।

- ଅରବିନ୍ଦ ସାହୁ, ବଇଣ୍ଡା

### ଅଧିକ ବିଲ୍ ସଂଶୋଧନ କରାଯାଉ



"ଗୋଟିଏ ବର୍ଷ ଗୋଟିଏ ପ୍ରକଳ୍ପର ବିଲ୍ ବହୁ ଅଧିକ ଆସିଥିଲା। ଏହାକୁ ସଂଶୋଧନ କରିବା ପାଇଁ ପଞ୍ଚାୟତ ପକ୍ଷରୁ ବିଭାଗୀୟ ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ଏଯାଏ ତାହା ଉପରେ ପଦକ୍ଷେପ ନିଆଯାଇ ନାହିଁ। ସଂଶୋଧନ ବିଲ୍ ପ୍ରଦାନ କରାଗଲେ ବକେୟା ପୈଠ କରାଯିବ।

- ଅମୀୟ ପ୍ରଧାନ, ସରପଞ୍ଚ, ହଣ୍ଡପା

### ସରପଞ୍ଚମାନେ ଗୁରୁତ୍ୱ ଦିଅନ୍ତୁ



"ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସମସ୍ତ ବକେୟା ଦେବାକୁ ସରପଞ୍ଚମାନେ ଗୁରୁତ୍ୱ ଦିଅନ୍ତୁ। ଏହା କରା ନ ଗଲେ ସାଧାରଣ ଲୋକେ ପାଣି ପାଇବାରୁ ବଞ୍ଚିତ ହେବେ। ଯଥାଶୀଘ୍ର ବ୍ଲକ ପ୍ରଶାସନ ସରପଞ୍ଚମାନଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେଲେ ଗ୍ରାମବାସୀ ଉପକୃତ ହେବେ।

-ବିଭୁ ପ୍ରସାଦ ସେନାପତି, ଠାକୁରଗଡ଼

### ପଞ୍ଚାୟତକୁ ଚିଠି ପଠାଯାଇଛି



"ବକେୟା ରହିଥିବା ବିଦ୍ୟୁତ୍ ବିଲ୍ ପୈଠ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏ ନେଇ ସମସ୍ତ ପଞ୍ଚାୟତ ଅଧିକାରୀ, ଜଳଯୋଗାଣ ବିଭାଗକୁ ଅନୁରୋଧ କରାଯିବା ସହ ଚିଠି କରାଯାଇଛି। ହେଲେ ଏଥିରେ ବହୁ ବିଳମ୍ବ ହେଉଛି। ଶୀଘ୍ର ପଦକ୍ଷେପ ନେବାକୁ ପଞ୍ଚାୟତଗୁଡ଼ିକୁ ଅନୁରୋଧ କରାଯାଉଛି।

-ସିପକ ଦାସ, ଏସ୍‌ଡିଓ

# କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ଛେଣ୍ଡିପଦା,୧୫।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତ କିସିଣ୍ଡା କାଂଶବାଂଶ ପ୍ରୋଜେକ୍ଟଠାରେ ରବିବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ସୁଧାକର ଗଡନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ସୁଶାନ୍ତ କୁମାର ବେହେରା, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ବ୍ଲକ ପ୍ରତିନିଧି ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଲିପଟା ପଞ୍ଚାୟତ ବିଜେଡିର ନୂତନ ସଭାପତି ଭାବେ ଶିଶିର ଗଡନାୟକ, ଉପସଭାପତି ଭାବେ ଯୋଗେଶ୍ୱର ପ୍ରଧାନ, ସମ୍ପାଦକ ମୋହନ ଚରଣ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ଏହାପରେ ବିଭିନ୍ନ ଦଳ ଛାଡି ଆସିଥିବା ମୁରଲୀଧର ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ସହଦେବ ବେହେରା, ଯୋଗେଶ୍ୱର ବେହେରା, ଜତେନ୍ଦ୍ର ପ୍ରଧାନଙ୍କ ସମେତ ୨୩ ଜଣଙ୍କୁ ବିଧାୟକ ସୁଶାନ୍ତ କୁମାର ବେହେରା ସ୍ୱାଗତ କରିବା ସହିତ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରିଥିଲେ। ସରପଞ୍ଚ ରାକେଶ କୁମାର ପ୍ରଧାନ, ଶରତ କୁମାର ଗଡନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କର୍ମୀ ସମ୍ମିଳନୀରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ଦୁର୍ଘଟଣାରେ ଜଣେ ମୃତ

**କଣିହାଁ,୧୫।୨(ଡି.ଏନ.ଏ.)**

କଣିହାଁ ବ୍ଲକ ଶିପୁର ଠାରେ ରବିବାର ଏକ କାର୍ (ନଂ. ଓଡି୧୯ଏଚ-୦୭୬୮) ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଶିପୁର ଗ୍ରାମର ମଙ୍ଗୁଲୁ ସେଠୀ (୫୫)। ସେ କର୍ଣ୍ଣପାଳରୁ ଫେରୁଥିବା ବେଳେ ଗହଳମଡା ଛକରେ କାର ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖମାର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୨୮/୨୦୨୧ରେ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୋଲିସ ପ୍ରକାଶ କରିଛି।

## ଏନ୍‌ଟିପିସି ପକ୍ଷରୁ ଗାଁ ରାସ୍ତାର ଆଲୋକୀକରଣ



ଏନ୍‌ଟିପିସି ପକ୍ଷରୁ ଗ୍ରାମ ରାସ୍ତାରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି।

**କଣିହାଁ,୧୫।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁଠାରେ ଥିବା ଏନ୍‌ଟିପିସି ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ପାରିପାର୍ଶ୍ୱିକ ଗ୍ରାମ ରାସ୍ତାକୁ ସୋଲାର ଲାଇଟ୍‌ରେ ଆଲୋକୀକରଣ କାର୍ଯ୍ୟ ଜାରି ରହିଛି। ଓରେଡ଼ା ସହଯୋଗରେ ପ୍ରକଳ୍ପ ପକ୍ଷରୁ ଇତିମଧ୍ୟରେ ବିଜିଗୋଳ, ରଙ୍ଗବେଡ଼ା, ଡେରେଙ୍ଗ, ଗଦାଶିଳା, ଟାକୁଆ, ମସୁଣିହତା, ଆମ୍ବପାଳ ଆଦି ୩୭ ଗ୍ରାମ ରାସ୍ତାରେ ୧୫୦ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଏହାଦ୍ୱାରା ଗାଁ ରାସ୍ତାରେ ଯାତାୟାତ ଅଧିକ ସହଜ ଓ ସୁରକ୍ଷିତ ହୋଇପାରିବ। ଏଥିସହ ସାମାଜିକ ଓ ଆର୍ଥିକ ଗତିବିଧି ମଧ ବଢ଼ିବ। ଗ୍ରାମାଞ୍ଚଳ ପରିବେଶକୁ ଏହା କୌଣସି ପ୍ରକାର କ୍ଷତି ପହଞ୍ଚାଇବ ନାହିଁ, ବରଂ ସ୍ୱଚ୍ଛ ଶକ୍ତି ସୁନିଶ୍ଚିତ କରାଯିବା ଦିଗରେ ଏହା ଏକ ସକରାତ୍ମକ ପଦକ୍ଷେପ ବୋଲି ପ୍ରକଳ୍ପ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସଞ୍ଜୀବ

**ଆଠମଲ୍ଲିକ,୧୫।୨(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ୧୦୦ କୋଟିରୁ ୨୦୦ କୋଟିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃଦ୍ଧି କରିଛନ୍ତି। ଏହାଛଡ଼ା ଅନୁଗୋଳ ଜିଲା ଆଠମଲ୍ଲିକରେ ଏହାର ଏକ କାର୍ଯ୍ୟାଳୟ ଖୋଲିବା ପାଇଁ ଘୋଷଣା କରିଛନ୍ତି। ଏହାକୁ ନେଇ ଆଠମଲ୍ଲିକବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଆଠମଲ୍ଲିକର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା



ଅଗ୍ନି ବିପନ୍ନ ପରିବାରକୁ ରିଲିଫ ବଣ୍ଟନ କରାଯାଉଛି।

**ବଇଣ୍ଡା,୧୫।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜମୁନାଳି ପଞ୍ଚାୟତ ନାଗାଝରଣ ଗ୍ରାମର ୫ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ଜିଲା ପରିଷଦ ସଦସ୍ୟ ଜୟନ୍ତୀ ପ୍ରଧାନ, ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ, ଭଜପା ନେତା ଅରବିନ୍ଦ ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିପନ୍ନ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ସହ ବସ୍ତ୍ର, ରାଶନ ଆଦି ବଣ୍ଟନ କରିଥିଲେ। ଏଥିସହ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ତୁରନ୍ତ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ରାସ୍ତା ଖାଁ ଖାଁ, ଦୋକାନ ବଜାର ବନ୍ଦ

**ଅନୁଗୋଳ ଅଫିସ, ୧୫।୨**




କଂଗ୍ରେସର ବନ୍ଦ ପାଳନ ଯୋଗୁ ଅନୁଗୋଳ ସହର ରାସ୍ତା ଖାଁ ଖାଁ।

ତୈଳଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସୋମବାର ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଅନୁଗୋଳ ଜିଲାରେ ପଡ଼ିଥିବା ଦେଖାଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ହୁଲୁରିସିଂହା, ନାଲ୍‌କୋ, ବଅଁରପାଳ, ଛେଳିଆପଡ଼ାଠାରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତା ଖାଁ ଖାଁ ଥିଲା। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ସହ ଓବିସି ସେଲ୍ ସଭାପତି ଜିତେନ୍ଦ୍ର ସାହୁ, ଅମୂଲ୍ୟ ବେହେରା, ଧର୍ମେନ୍ଦ୍ର ମିଶ୍ର, ସନ୍ତୋଷ ପଟ୍ଟନାୟକ, ବଳବିର ସିଂହ, ପ୍ରଶାନ୍ତ କୁମାର ନାୟକ, ଶରତ ମୁଖୀ, ଶିବାନୀ ଶଙ୍କର ଗୌଡ଼, ଆଲୋକ ଦାଶ, ରଶ୍ମିରଞ୍ଜନ ସାହୁ, ବାପୁଜୀ ପ୍ରଧାନ, ଲୁଲୁ ପାଣିଗ୍ରାହୀ, ଲିଟୁ ରଞ୍ଜନ ଥାପା, ପ୍ରଦ୍ୟୁମ୍ନ ସାହୁ, କୈଳାସ ପ୍ରଧାନ, ବାପୁନ ଦେହୁରୀ, ଉପେନ୍ଦ୍ର ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ସେହିପରି କଣିହାଁ ବ୍ଲକରେ କଂଗ୍ରେସ ନେତା ଦେବଦତ୍ତ ପ୍ରଧାନ, ଶିବ ବେହେରା, ବୁଦ୍ଧଦେବ ସାହୁ, ଦିବାକର ସାହୁ, ସତ୍ୟାନନ୍ଦ ସାହୁଙ୍କ ସମେତ ବହୁ ସଂଖ୍ୟକ କର୍ମୀ, ଶ୍ରମିକ ସଙ୍ଗଠନ ନେତୃବୃନ୍ଦ ଏନ୍‌ଟିପିସି ବାଇପାସ୍ ଛକରେ ପ୍ରତିବାଦ କରିଥିଲେ। ଏନ୍‌ଟିପିସି ବଜାର ବନ୍ଦ ରହିବା ସହ କୋଇଲା ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ସେହିପରି କିଶୋରନଗର ବ୍ଲକର ବଇଣ୍ଡା, ବାମୁର ଓ କିଶୋରନଗର ଆଦି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଥିଲେ। ଗୌରାଙ୍ଗ ଖୁଣ୍ଟିଆ, ଅନାମ ସ୍ୱାଇଁ, ହେମନ୍ତ ଖୁଣ୍ଟିଆ, ଭଗବାନ ସାହୁ, ପ୍ରଫୁଲ୍ଲ ସାହୁ, ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଠମଲ୍ଲିକ ବ୍ଲକ ଅଞ୍ଚଳରେ କଂଗ୍ରେସ ନେତା ବିଜୟାନନ୍ଦ ଚାଉଳିଆଙ୍କ ନେତୃତ୍ୱରେ ଉପଜିଲାପାଳ ଅଫିସ ସମ୍ମୁଖରେ ରାସ୍ତା ଅବରୋଧ କରାଯାଇଥିଲା। ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, ନିଲୁ ମହାପାତ୍ର, ବୁଲୁ ମହାପାତ୍ର, ଅନିଲ ପାଣିଗ୍ରାହୀ, ଜିତେନ୍ଦ୍ର ମୁଖୀ, ଓକିଲ ଅଜିତ ମହାନ୍ତି, ପୂର୍ବତନ କାଉନସିଲର ବିନୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମାଧପୁରଠାରେ କଂଗ୍ରେସ କର୍ମୀମାନେ ପିକେଟିଂ କରି ବଜାର ବନ୍ଦ ସହିତ ଆଠମଲ୍ଲିକ-କିଆକଟା ରାସ୍ତା ଅବରୋଧ କରିଥିଲେ। ରାଜ୍ୟ କଂଗ୍ରେସ ସମ୍ପାଦକ ବିଜୟାନନ୍ଦ ଚାଉଳିଆ, ସୁଶାନ୍ତ ହୋତା, କୈଳାସ ମହାକୁଡ଼, ମହେନ୍ଦ୍ର ସାହୁ, କୁନାଚରଣ ରଥ, ସନ୍ତୋଷ ଧଳ ପ୍ରମୁଖ ସାମିଲ ଥିଲେ। ତାଳଚେରରେ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ପ୍ରଧାନ, ଦିଗାମ୍ବର ଗଡନାୟକ, ଜ୍ଞାନ ରଞ୍ଜନ ପାଣି, ହାଡିବନ୍ଧୁ ବିଶ୍ୱାଳ, ଦାସରଥି ସାହୁ, ବୀରବର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ବ୍ଲକ ଛକ ଏବଂ ୬୩ନଂ ରାଜପଥ ଅବରୋଧ କରାଯାଇଥିଲା। କଂଗ୍ରେସ କର୍ମୀମାନେ ପକେଟିଂ କରି ଛେଣ୍ଡିପଦା, କୋଶଳା, ବାଗଡିଆ ଅଞ୍ଚଳରେ ଦୋକାନ ବଜାର ବନ୍ଦ କରିଥିଲେ।

# OFFICE OF THE PRINCIPAL
## BANTALA (DEGREE) COLLEGE OF HIGHER EDUCATION, BANTALA, ANGUL

At/P.O.: Bantala, Dist.- Angul, PIN - 759129 (Odisha)
College Code: 07A
Web: www.bantalacollege.org
E-mail: bantaladegreecollege@gmail.com

Letter No. 035/2021 Date:13.02.21

**WALK-IN-INTERVIEW**

A walk-in-interview for appointment of lecturers in Education, Odia, Commerce, Botany, Chemistry, Mathematics, Physics, Zoology & DEO-Cum-Clerk on contractual basis on 21.02.2021 at 10A.M. in the office of Principal Bantala(Degree) College of Higher Education, Bantala. Candidates interested to attend the interview should report with all testimonials. No T.A. & D.A. is admissible for attending the interview.

PRINCIPAL
Bantala (Degree) College of Higher Education, BANTALA


## ସଡ଼କ ସୁରକ୍ଷା ସଚେତନତା

**ଭୁବନ, ୧୫।୨(ଡି.ଏନ.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ପକ୍ଷରୁ ସୋମବାର ଭୁବନ ଅଞ୍ଚଳରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱେଚ୍ଛାସେବୀ, ଅଞ୍ଚଳର ସଚେତନ ଯୁବକମାନେ ଏଥିରେ ସାମିଲ ସଚେତନତା ସୃଷ୍ଟି କରିଥିଲେ। କାଳୀବଜାରଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଜେଡି ଜିଲା ସମ୍ପାଦକ ଅଜୟ ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ସୁରେଶ ପଣ୍ଡା, ପ୍ରଦ୍ୟୁମ୍ନ ପଣ୍ଡା, ରୁଦ୍ରନାରାୟଣ ଷଡ଼ଙ୍ଗୀ, ପ୍ରସନ୍ନ ପଣ୍ଡା, ଦ୍ୱାରିକା ମହାନ୍ତି, ଦୁର୍ଲଭ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କା ଠକେଇ, ଜଣେ ଗିରଫ

**ଆଠମଲ୍ଲିକ,୧୫।୨(ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡରେ ଥିବା ଋଣ ଲଗାଣକାରୀ ସଂସ୍ଥା 'ଆରୋହଣ ଫାଇନାନ୍ସ ସର୍ଭିସ ଲିମିଟେଡ୍'ରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ବିକାଶ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ସଂସ୍ଥା ଏସ୍ଏଚ୍‌ଜିକୁ ଋଣ ପ୍ରଦାନ କରିଥାଏ। ଋଣ ଓ ସୁଧ ଆଦାୟ ପାଇଁ ସଂସ୍ଥା ପକ୍ଷରୁ ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଭଗବତପୁରର ବିକାଶ ପ୍ରଧାନ, କେନ୍ଦ୍ରାପଡ଼ା ରାଜକନିକାର ଦୀପକ ବିଶ୍ୱାଳ, ଫୁଲବାଣୀର ବୈକୁଣ୍ଠ ନାଏକ ଏବଂ ବଲାଙ୍ଗୀରର ବିରଞ୍ଚି ଖେରସେଲ କଷ୍ଟମର ସର୍ଭିସ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ଆଦାୟ କରିଥିବା ୧୯ ଲକ୍ଷ ୧୧ହଜାର ୧୯୪ ଟଙ୍କା ପୈଠ ନ କରି ଫେରାର ହୋଇଯାଇଥିଲେ। ଏ ନେଇ ଏରିଆ ମ୍ୟାନେଜର ଦୀପ୍ତିରଞ୍ଜନ ସାହୁ ଆଠମଲ୍ଲିକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ଆଇଆଇସି ପ୍ରିୟବ୍ରତ ଦାଶ ରବିବାର ରାତିରେ ସଦଳବଳ ଚଢ଼ାଉ କରି ବିକାଶଙ୍କୁ ଗିରଫ କରିଥିଲେ। ବିକାଶ ପ୍ରାୟ ୭ ଲକ୍ଷ ୮୦ ହଜାର ଟଙ୍କା ଆଦାୟ କରିଥିଲେ ମଧ୍ୟ ମାତ୍ର ୭୪ ହଜାର ୮୦୦ ଶହ ଟଙ୍କା କମ୍ପାନୀରେ ପୈଠ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଫଟୋରେ ଖବର



ଅନୁଗୋଳ ସହର ଦଶହରା ପଡ଼ିଆରେ ମା' ସରସ୍ୱତୀଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି କାରିଗର। (ଫଟୋ- ବୁବୁ)




ଧରିତ୍ରୀର ଢେଙ୍କାନାଳ-ଅନୁଗୋଳ ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ପାଠିକାପାଠକମାନଙ୍କୁ ଶୁଭେଚ୍ଛା ।

**ସୁଶାନ୍ତ କୁମାର ବେହେରା**
ସଭାପତି, ପ୍ରାଥମିକ ଶିକ୍ଷକ ମହାସଂଘ, ଛେଣ୍ଡିପଦା ବ୍ଲକ



ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣର ଜନ୍ମ ଉତ୍ସବ ଅବସରରେ ସମସ୍ତ ପାଠିକାପାଠକମାନଙ୍କୁ ଶୁଭେଚ୍ଛା।

**ରାକେଶ କୁମାର ପ୍ରଧାନ**
ସରପଞ୍ଚ, ବାଲିପଟା


## ଜୀବନଯାତ୍ରା ପ୍ରଭାବିତ

**ଢେଙ୍କାନାଳ ଅଫିସ/ସାତମାଇଲ/ ଭୁବନ(ଡି.ଏନ.ଏ.), ୧୫।୨**

ତୈଳ ଏବଂ ରନ୍ଧନ ଗ୍ୟାସ୍ ଦରରେ ଅହେତୁକ ବୃଦ୍ଧି ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ସୋମବାର ଦିଆଯାଇଥିବା ୬ ଘଣ୍ଟିଆ ବନ୍ଦ ଡାକରାରେ ପ୍ରଭାବିତ ହୋଇଛି ଢେଙ୍କାନାଳ ଜିଲାର ଜୀବନଯାତ୍ରା। ବୁଦ୍ଧିଜୀବୀ, ସଚେତନ ନାଗରିକ ଏହାକୁ ସ୍ୱତଃପୂର୍ତ୍ତ ଭାବେ ସମର୍ଥନ କରିଥିବାବେଳେ ବ୍ୟବସାୟିକ ଅନୁଷ୍ଠାନ ସହିତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।

ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ସହର ଉପକଣ୍ଠ ଶ୍ୟାମାଚରଣପୁର ଏବଂ କଣ୍ଟାନାଳୀ ବାଇପାସ୍ ନିକଟ ୫୫ନଂ. ଜାତୀୟ ରାଜପଥରେ ରାସ୍ତାରୋକୋ କରାଯାଇଥିଲା। ମୁଖ୍ୟ ରେଳଷ୍ଟେଶନ ରେଳ ଧାରଣାରେ କଂଗ୍ରେସ କର୍ମୀ ବସି ରହିଥିଲେ। ଦଳୀୟ କର୍ମକର୍ତ୍ତାମାନେ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ମୋଦି ସରକାର ନିଜର ୭ବର୍ଷର ଶାସନ କାଳରେ ଅର୍ଥନୀତି ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଦରବୃଦ୍ଧିର ପ୍ରଭାବ ଖାଦ୍ୟସାମଗ୍ରୀ ଉପରେ ପଡୁଛି। ଏଥିରେ ଗରିବ ଏବଂ ମଧ୍ୟବିତ୍ତ ପରିବାର ଚଳିବା କଷ୍ଟକର ହୋଇଗଲାଣି। ଏହାର ସମାଧାନ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ, ସୁଭାସିନୀ ମହାକୁଡ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ଗୋପାଳଚନ୍ଦ୍ର ସାହୁ, ନିଶାକର ସାହୁ, ନିର୍ମଳ ଚନ୍ଦ୍ର ମିଶ୍ର, ହାଇଦର ମହମ୍ମଦ, ପ୍ରକାଶ କୁଅଁର, ମହମ୍ମଦ ସମୀର ପ୍ରମୁଖ ଚେତାବନୀ ଦେଇଛନ୍ତି। ହିନ୍ଦୋଳରେ ବ୍ଲକ କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ବନ୍ଦ ପାଳିତ ହୋଇଥିଲା। ଛୋଟ ଗାଡ଼ିକୁ ବାଦ୍‌ଦେଲେ ଅନ୍ୟ ସବୁ ଯାନବାହନ ଚଳାଚଳ ବନ୍ଦ ଥିଲା। ବିଶ୍ୱେଶ୍ୱର ସେଠୀ, ତ୍ରିନାଥ ବେହେରା, ଦାଶରଥି ରଥ ବନ୍ଦ ପାଳନରେ ସାମିଲ ଥିଲେ। ଭୁବନରେ ଟାଉନ କଂଗ୍ରେସ ସଭାପତି ମନୋଜ କୁମାର ସାହୁ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ବିପ୍ରବର ସାହୁ, ବିନୋଦ ମହାରଣା, ଭାଗବତ ନାୟକ, ପୀତବାସ ବେହେରା, ମନମୋହନ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



ଢେଙ୍କାନାଳରେ ବନ୍ଦ ପାଳନରେ ସାମିଲ ହୋଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।


HONDA
The Power of Dreams

MEGA EXCHANGE CUM LOAN MELA
ମାତ୍ର 1100/-*
ଡାଉନପେମେଣ୍ଟ ରେ
2000/- EXCHANGE BONUS *
LOW DOWNPAYMENT *
LOW EMI *
LOW RATE OF INTEREST *
EASY FINANCE *
Laxmi Honda
Panchamahala, Angul
Ph.: 8908025000, 8908045000



ଧରିତ୍ରୀର ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ଓ ପାଠକମାନଙ୍କୁ ମୋର ଶୁଭେଚ୍ଛା ।

**ଅକ୍ଷୟ କୁମାର ସାମନ୍ତ (ମୁନା)**
ଓସିଏ ଉପ-ସଭାପତି
ପୂର୍ବତନ ନଗରପାଳ, ଅନୁଗୋଳ ପୌରପାଳିକା

**କ୍ରିସ୍ ହସ୍ପିଟାଲ**
ଡଃ ଗିରିଧାରୀ ପ୍ରଧାନ
(ସ୍ତ୍ରୀ ରୋଗ ବିଶେଷଜ୍ଞ)
ଡଃ ତରୁଣ କୁମାର ସାହୁ
(ସର୍ଜରି)
ଡଃ ଧୀରେନ କୁମାର ପ୍ରଧାନ
(ନିଶ୍ଚେତନ୍ୟ ନିଶା)
ଡିଜିଟାଲ ଏକ୍ସ-ରେ
ଇ.ସି.ଜି. ପାଥୋଲାବ୍
ବି.ଏସ୍.କେ.ୱାଇ. କାର୍ଡ଼ଧାରୀଙ୍କ ପାଇଁ ମାଗଣା ଚିକିତ୍ସା
ସାପୋଇସାହି, ଛେଣ୍ଡିପଦା


## ପାନୀୟ ଜଳ ଯୋଗାଣ ଦାବି

**ବଣ୍ଟଣା,୧୫।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ତୁରୁଡା ଶାଳବଣିସାହିରେ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଏ ନେଇ ଶନିବାର ଜିଲା ପରିଷଦ ସଦସ୍ୟ ବଂଶୀଧର ସେଠୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ସାହିରେ ୫୦ ପରିବାର ପାଇଁ ଥିବା ନଳକୂପ କିଛିଦିନ ହେବେ ଅଚଳ ହୋଇପଡିଛି। ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ନିର୍ମାଣ କରାଯାଇ ପାରିନାହିଁ। ଖରାଦିନେ ସାହିବାସୀ ପାନୀୟ ଜଳ ଅଭାବର ସମ୍ମୁଖୀନ ହେଉଥିଲେ ମଧ୍ୟ କୌଣସି ସମାଧାନ କରାଯାଉ ନାହିଁ। ତୁରନ୍ତ ନଳକୂଅ ସଚଳ ସହ ଏକ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ଦୟାନିଧି ସାହୁ, ଲୁଟୁ ସାହୁ, ବୁଲୁ ସାହୁ, ସଞ୍ଜୀବ ସେଠୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବିଡିଓ ଶ୍ୟାମଳ କୁମାର ରାଏ କହିଛନ୍ତି, ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯିବ।


ଧରିତ୍ରୀର ଅନୁଗୋଳ-ଢେଙ୍କାନାଳ ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା/ପାଠକମାନଙ୍କୁ ମୋର ଶୁଭେଚ୍ଛା ।

*A Well Wisher*

AAH
**ADD ANNEX HEALTH CARE PVT. LTD.**
An ISO 9001 : 2015 Certified Diagnostic Centre
COLLEGE SQUARE, CUTTACK-753003 | Ph. : 0671 2200400, 7381039068 | E-mail : addannex@yahoo.in | www.addannex.com

ODISHA'S FIRST MOST ADVANCED
3RING 16SLICE PET-CT SCAN

- Highest NEMA sensitivity enables very fast acquisition/ scan, almost 1/3rd of time taken by other PET-CT Machines.
- Low dose scan with less Radiation exposure to patients.
- Crystal clear images with highest detectability even for very small lesion.
- We provide latest technology at reasonable price than other centres with conventional equipment.



GA-68 PSMA & DOTANOC
PET-CT SCAN

- Introduced first time in Cuttack for Superior Accuracy in the diagnosis of Prostate Cancer and Neuroendocrine Tumors.

Our Other Services: (1.5 Tesla MRI, Multi Slice CT Scan,NBI ENDOSCOPY,TMT, ECG, EEG, NCV, 4D Ultrasound, Digital X-Ray (500 MA), Digital Mammography, BERA, Audiometry, PFT, ECHO, Colour Doppler & Fully Automated Complete Pathology)


## ବାକି ପଇସା ବିବାଦ: ସାଙ୍ଗଙ୍କୁ ହାଣିଲେ ସାଙ୍ଗ

**କାମାକ୍ଷାନଗର, ୧୫।୨(ଡି.ଏନ.ଏ.)**

ବାକି ପଇସା ବିବାଦରୁ କୁକୁଡ଼ା କଟା କାତିରେ ବନ୍ଧୁଙ୍କୁ ହାଣିଛନ୍ତି ଅନ୍ୟ ଜଣେ ଘନିଷ୍ଠ ବନ୍ଧୁ। କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମରେ ସୋମବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମର ବିଦୁର ପରିଡ଼ା ଏବଂ ବିଜୟ ପରିଡ଼ା ଘନିଷ୍ଠ ସାଙ୍ଗ। ଦୁହେଁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେଠାରେ ପୁରୁଣା ବାକି ଟଙ୍କା ଫେରାଇବା ଲାଗି ବିଜୟଙ୍କୁ କହିଥିଲେ ବିଦୁର। ଏଥିରେ ଉତ୍କ୍ଷିପ୍ତ ହୋଇ ଏକ କୁକୁଡ଼ା କଟା ଛୁରିରେ ବିଦୁରଙ୍କୁ ହାଣି ପକାଇଥିଲେ ବିଜୟ। ତାଙ୍କ ମୁଣ୍ଡ, ଗାଲରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।






## ୬ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରାସୋଳ, ୧୫।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକର ୬ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନାଉକିଆରୀ ସ୍କୁଲ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେମାନେ ହେଲେ ପଙ୍କଜ ଚରଣ ନାୟକ, ଧରଣୀଧର ସାହୁ, ସନ୍ତୋଷ ପତି, ବିଜୁଳି ସାହୁ, ପ୍ରତିମା ମିଶ୍ର, ସରୋଜିନୀ ମିଶ୍ର। ମୁଖ୍ୟଅତିଥି ଭାବେ ପୂର୍ବତନ ଏସ୍ଆଇ ଧରଣୀଧର ପତି, ମୁଖ୍ୟବକ୍ତା ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ନେତା ଦିଲୀପ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ନରେଶ ଚନ୍ଦ୍ର ବେହେରା, ପୂର୍ବତନ ବିଆରସିସି ମହେଶ୍ୱର ସାମଲ, ନିରଞ୍ଜନ ମାଝି, ସିଆରସିସି ବୀରେନ ସାହୁ , ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଧରିତ୍ରୀ ଖବରକାଗଜ ଢେଙ୍କାନାଳ-ଅନୁଗୋଳ ସଂସ୍କରଣର ଜନ୍ମଦିନ ଉପଲକ୍ଷେ ଆଠମଲ୍ଲିକ କଣ୍ଟ୍ରାକ୍ଟର ଆସୋସିଏସନ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା । ମା' ମାହେଶ୍ୱରୀ ଆଠମଲ୍ଲିକବାସୀଙ୍କୁ ଘଣ୍ଟ ଘୋଡ଼ାଇ ରଖନ୍ତୁ ।



**ମହେନ୍ଦ୍ର ସାହୁ**
ସାଧାରଣ ସମ୍ପାଦକ



**କ୍ଷୀରୋଦ ଚନ୍ଦ୍ର ବଘାର**
ସଭାପତି



**ପିନା ମହାପାତ୍ର**
ଉପଦେଷ୍ଟା

ଆଠମଲ୍ଲିକ କଣ୍ଟ୍ରାକ୍ଟର ଆସୋସିଏସନ

